# ସାରସ୍ୱତ ସେବା ସଂଘ

## ଶ୍ରୀଶ୍ରୀନିଗମାନନ୍ଦ ସାରସ୍ୱତ ଆଶ୍ରମ

ସା.-ଲୋକନାଥରୋଡ଼୍, ପୋ. - ପୁରୀ-୧
ଜିଲ୍ଲା-ପୁରୀ, ଓଡ଼ିଶା, ଭାରତ
ମୋ - ୯୪୩୭୫୪୬୭୭୪ / ୭୦୦୮୩୩୯୬୯୭
E-mail : nsashram@rediffmail.com

# Saraswat Seva Sangha

## Sri Sri Nigamananda Saraswat Ashram

At- Lokanath Road, P.O- Puri-1
Dist - Puri, Orissa, India
Mob - 9437546774 / 7008339697
E-mail : nsashram@rediffmail.com


### ରଥସେବା ସମିତି

(୧) ଡଃ. ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ
ଆଶ୍ରମାଧକ୍ଷ, ସଭାପତି
(୨) ଶ୍ରୀ ସୁବ୍ରତକୁମାର ଲାହା
କଟକ, ଉପ-ସଭାପତି
(୩) ଶ୍ରୀ ଦୁର୍ଗାପ୍ରସନ୍ନ ଦାସ କଟକ, ସମ୍ପାଦକ
(୪) ଶ୍ରୀ ନଗେନ୍ଦ୍ରପ୍ରସାଦ ସାହୁ
କଟକ, କୋଷାଧକ୍ଷ
(୫) ଶ୍ରୀ ସତ୍ୟାନନ୍ଦ ମହାନ୍ତି କେନ୍ଦ୍ରାପଡ଼ା,ସଦସ୍ୟ
(୬) ଶ୍ରୀଅଶୋକକୁମାର ଜେନାଧାମରା,ସଦସ୍ୟ
(୭) ଶ୍ରୀ ମାନିକଲାଲ ଦିନ୍ଦା, ଧାମରା, ସଦସ୍ୟ
(୮) ଶ୍ରୀ ଭି.ନାଗେଶ୍ୱର ରାଜୁ, ଗଞ୍ଜାମ,ସଦସ୍ୟ
(୯) ଶ୍ରୀ ଦୁଷ୍ମନ୍ତ ସାହୁ, ଗଞ୍ଜାମ, ସଦସ୍ୟ
(୧୦) ଶ୍ରୀ ଅମୀୟରଞ୍ଜନ ଦାସ,ବାଲେଶ୍ୱର,ସଦସ୍ୟ
(୧୧) ଶ୍ରୀ ଏମ୍. ଚି. ଟି. ନାଇଡୁ, ଖୋର୍ଦ୍ଧା, ସଦସ୍ୟ
(୧୨) ଶ୍ରୀ ମିଲନ ସାମଲ, କଟକ, ସଦସ୍ୟ
(୧୩) ଶ୍ରୀ ବିନୟକୁମାର ଖଟୁଆ, କଟକ, ସଦସ୍ୟ
(୧୪) ଶ୍ରୀ ଜଳଧର ମହାରଣା, କଟକ, ସଦସ୍ୟ
(୧୫) ଶ୍ରୀ ଦୀପୁନ ପାଇକରାୟ,କେଉଁଝର, ସଦସ୍ୟ
(୧୬) ଶ୍ରୀ ଦୀପକ ଚମ୍ପତି, ଜଟଣୀ, ସଦସ୍ୟ
(୧୭) ଶ୍ରୀ ଶକ୍ତିପ୍ରସାଦ ବେହେରା, ବଲାଙ୍ଗୀ, ସଦସ୍ୟ

### ନିମନ୍ତ୍ରିତ ଜିଲ୍ଲାସଦସ୍ୟବୃନ୍ଦଙ୍କ ନାମ

(୧) ଶ୍ରୀ ବାନାମ୍ବର ବେହେରା ପୁରୀ
(୨) ଶ୍ରୀ ଟି.ଦେବେନ୍ଦ୍ରପ୍ରସାଦ ଦାସ ଖୋର୍ଦ୍ଧା
(୩) ଶ୍ରୀ ଶରତଚନ୍ଦ୍ର ଦାଶ ଖୋର୍ଦ୍ଧା
(୪) ଶ୍ରୀ ପ୍ରଫୁଲ୍ଲକୁମାର ଓଝା କଟକ
(୫) ଶ୍ରୀ ସୁବୋଧ ଆଚାର୍ଯ୍ୟ କଟକ
(୬) ଶ୍ରୀ ତ୍ରିଲୋଚନ ମହାପାତ୍ର ଜଗତ୍‌ସିଂପୁର
(୭) ଶ୍ରୀ ରାଧାକାନ୍ତ ପଣ୍ଡା ଗଞ୍ଜାମ
(୮) ଶ୍ରୀ ଭି.ନାଗେଶ୍ୱର ରାଜୁ ଗଞ୍ଜାମ
(୯) ଶ୍ରୀ ଅଶୋକକୁମାର ଜେନା ଗଞ୍ଜାମ
(୧୦) ଶ୍ରୀ ଦ୍ୱାରିକାନାଥ ପଣ୍ଡା ସୁନ୍ଦରଗଡ଼
(୧୧) ଶ୍ରୀ ଚକ୍ରଧର ପଲେଇ କେଉଁଝର
(୧୨) ଶ୍ରୀ ନିଶିକାନ୍ତ ପଲେଇ କେଉଁଝର
(୧୩) ଶ୍ରୀ ବିକାଶରଞ୍ଜନ ମହନ୍ତ କେଉଁଝର
(୧୪) ଶ୍ରୀ ସ୍ମାରକ ମହାନ୍ତି କେନ୍ଦ୍ରାପଡ଼ା
(୧୫) ଶ୍ରୀ ରତ୍ନାକର ବିଶ୍ୱାଳ ଭଦ୍ରକ
(୧୬) ଶ୍ରୀ ସୁଶାନ୍ତକୁମାର ପାତ୍ର କୋରାପୁଟ
(୧୭) ଶ୍ରୀ ତ୍ରିନାଥ ସାହୁ ଶ୍ରୀକାକୁଳମ୍, ଅନ୍ଧ୍ର

**Date. ...14.05.2026** **Letter No. ..112/2026..**

ଓଁ ଜୟଗୁରୁ

## ଆବେଦନ

ପ୍ରେମାନନ୍ଦେଷୁ ଭାଇ/ ମା'!

ଜୟଗୁରୁ ସମ୍ଭାଷଣ ଗ୍ରହଣ କରିବେ । ଆଶା ପରମାରାଧ୍ୟ ଶ୍ରୀଶ୍ରୀଠାକୁର ମହାରାଜଙ୍କ କୃପାରୁ ସପରିବାର କୁଶଳରେ ଅଛନ୍ତି । ଏଠାକାର ସମାଚାର ମଧ୍ୟ କୁଶଳ । ଆଗାମୀ **ଜୁଲାଇ ମାସ ୧୬ତାରିଖ** ବିଶ୍ୱବନ୍ଦିତ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଜଗତ୍‌ପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବା ସମ୍ପର୍କରେ ଆପଣମାନେ ଭଲ ଭାବରେ ଅବଗତ ଅଛନ୍ତି । **ଏହି ଯାତ୍ରା ଉପଲକ୍ଷେ ଦେଶ-ବିଦେଶରୁ ପ୍ରାୟ ୧୪ଲକ୍ଷ ଭକ୍ତଙ୍କର ସମାଗମ** ହେବାର ସମ୍ଭାବନା ଅଛି ବୋଲି ସରକାରୀ ସ୍ତରରେ ଆକଳନ କରାଯାଇଛି । ତେଣୁ ଉକ୍ତ ପବିତ୍ର ଘୋଷଯାତ୍ରାକୁ ସୁଚାରୁରୂପେ ଓ ଶୃଙ୍ଖଳିତ ଭାବରେ ସଞ୍ଚାଳନ କରିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ ନିଜ ନିଜ କ୍ଷମତା ଅନୁସାରେ ସହଯୋଗର ହସ୍ତ ସମ୍ପ୍ରସାରଣ କରିଛନ୍ତି ।

ନର-ନାରାୟଣଙ୍କ ସେବାରୂପକ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଭାବାଦର୍ଶକୁ ଆଖିରେ ରଖି ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉଭୟ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସମୟରେ **ଆଶ୍ରମ ତରଫରୁ ବଡ଼ଦାଣ୍ଡରେ ଲେମ୍ବୁ-ଲୁଣପାଣି ବିତରଣ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଷ୍ଟ୍ରେଚର, ପାଣି ସ୍ପ୍ରେ, ପରିମଳ ପ୍ରଭୃତି ବିବିଧ ସେବାର ବ୍ୟବସ୍ଥା** କରାଯିବା ସଙ୍ଗେ ସଙ୍ଗେ ପୂର୍ବ ପୂର୍ବ ବର୍ଷର ଅନ୍ନଦାନର ନିର୍ମଳାନନ୍ଦକୁ ସ୍ମରଣ କରି **ତା୧୬.୦୭.୨୬ରିଖ, ଶ୍ରୀଗୁଣ୍ଡିଚା ଦିନ ଲୋକନାଥ ମାର୍ଗସ୍ଥ ଆଶ୍ରମ ପରିସରରେ ୫ହଜାର ଭକ୍ତଙ୍କ ମଧ୍ୟରେ ଏବଂ ତା୨୪.୦୭.୨୬ରିଖ, ବାହୁଡ଼ା ଦିନ ବଡ଼ଦାଣ୍ଡର ବଡ଼ଶଙ୍ଖସ୍ଥ ଉତ୍ସବାଙ୍ଗନ କଲ୍ୟାଣ ମଣ୍ଡପରେ ୧୫ହଜାର ଭକ୍ତଙ୍କ ମଧ୍ୟରେ ଅନ୍ନପ୍ରସାଦ ବିତରଣ** କରିବାର ସିଦ୍ଧାନ୍ତ ନିଆଯାଇଛି ।

ରଥ ସେବାସମିତିର ବୈଠକରେ ପ୍ରତି ଜଣ ପିଛା ପ୍ରସାଦ ବାବଦକୁ **୪୦ ଟଙ୍କା ହିସାବରେ ୨୦ହଜାର ଭକ୍ତଙ୍କ ବ୍ୟବସ୍ଥାପନା ପାଇଁ ୮ଲକ୍ଷ ଟଙ୍କା ତଥା ଅନ୍ୟାନ୍ୟ ସେବା ପାଇଁ ପ୍ରାୟ ୩ଲକ୍ଷ ଟଙ୍କା ସହ ସର୍ବମୋଟ ୧୧ଲକ୍ଷ ଟଙ୍କାର** ଏକ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି । ତେଣୁ ଉକ୍ତ ସେବାକର୍ମକୁ ସୁଚାରୁରୂପେ ଆଗେଇ ନେବା ପାଇଁ ଆମେ **ସମସ୍ତ ସଂଘର ସେବାମୋଦୀ ଭକ୍ତ ଭାଇ-ମା' ତଥା ବ୍ୟକ୍ତିଗତ ପ୍ରତ୍ୟେକ ଭକ୍ତବୃନ୍ଦ ଏବଂ ଜନସାଧାରଣଙ୍କ ନିକଟରେ ସହଯୋଗ ନିମିତ୍ତ ନିବେଦନ କରୁଅଛୁ** । ସେମାନେ ଉଦାର ଦୃଷ୍ଟିରେ ଏହାକୁ ଗ୍ରହଣ କରି ନିଜ ସାମର୍ଥ୍ୟ ଅନୁସାରେ ପୂର୍ବୋକ୍ତ ହିସାବରେ ଏକାଧିକ ଭକ୍ତଙ୍କ ସେବା ଅର୍ଥାତ୍ **୧୦ ଜଣଙ୍କ ପାଇଁ ୪୦୦ ଟଙ୍କା, ୫୦ ଜଣଙ୍କ ପାଇଁ ୨,୦୦୦ ଟଙ୍କା, ୧୦୦ ଜଣଙ୍କ ପାଇଁ ୪,୦୦୦ ଟଙ୍କା, ୧୦୦୦ ଜଣଙ୍କ ପାଇଁ ୪୦,୦୦୦ ଟଙ୍କା** ଏହିଭଳି ହିସାବରେ ଆର୍ଥିକ ସାହାଯ୍ୟ କରି ଏହି ସେବାକର୍ମକୁ ସଫଳ କରିବାରେ ନିଜ ନିଜ ସହଯୋଗର ହସ୍ତ ସମ୍ପ୍ରସାରଣ କରିବେ ବୋଲି ଆଶା । ଆମେ ସମସ୍ତ ସାହାଯ୍ୟକାରୀଙ୍କ ନାମ ଆଶ୍ରମ ବାର୍ଷିକ ବିବରଣୀରେ ଯଥାସମୟରେ ପ୍ରକାଶ କରିବୁ । ଶ୍ରୀଗୁରୁ ସମସ୍ତଙ୍କର କଲ୍ୟାଣ କରନ୍ତୁ । ଜୟଗୁରୁ । ଇତି –

ଶ୍ରୀଗୁରୁଚରଣାଶ୍ରିତ
**ଡଃ.ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ**
ଆଶ୍ରମାଧକ୍ଷ ଓ ସଭାପତି
ତଥା ରଥ ସେବାସମିତିର
ସଦସ୍ୟବୃନ୍ଦ

**Deposit Through Bank :-**
**Adhyaksha Sri Sri Nigamananda Saraswat Ashram**
**A/C NO.-30238413142**
**IFSC Code-SBIN0005763**